## ଆଇଆଇଟିର ଚତୁର୍ଥ ସମାବର୍ତ୍ତନ ଉତ୍ସବ ଆଜି

# ଓଡ଼ିଶୀ ଶିଖିବେ ଆଇଆଇଟି ଛାତ୍ରଛାତ୍ରୀ

ଭୁବନେଶ୍ୱର,୧୧।୯(ଇମିସ): ଓଡ଼ିଶୀ ନୃତ୍ୟ ଶିଖିବେ ଭୁବନେଶ୍ୱର ଆଇଆଇଟି ଛାତ୍ରଛାତ୍ରୀ। ୨୦୧୫-୧୬ ଶିକ୍ଷାବର୍ଷରେ ବି.ଟେକ୍ ପାଠ୍ୟକ୍ରମରେ ଏହି ପାରମ୍ପାରିକ ନୃତ୍ୟକୁ ଏକ ବିଷୟଭାବେ ସ୍ଥାନୀତ କରାଯାଇଛି। ଦେଶର ପ୍ରଥମ ଆଇଆଇଟି ଭାବେ ଏଠାରେ ଏହି ବିଷୟରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦିଆଯିବ। ଏହା ରେଗୁଲାର ପାଠ୍ୟକ୍ରମ ନୁହେଁ। ବି.ଟେକ୍‌ରେ ନାମ ଲେଖାଇଥିବା ପିଲାମାନେ ଏହାକୁ କେବଳ ନିର୍ବାଚିତ ବିଷୟ ଭାବେ ରଖିପାରିବେ। ପ୍ରଥମ ବ୍ୟାଚ୍‌ରେ ୧୦ ଜଣ ବି.ଟେକ୍ ଛାତ୍ରୀ ଏଥିରେ ନାମ ଲେଖାଇଛନ୍ତି। ସେମାନେ ସମସ୍ତେ ଓଡ଼ିଶା ବାହାରର। ଏମାନଙ୍କୁ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ କୁମ୍‌କୁମ୍ ମହାନ୍ତି, ଗୁରୁ ରତିକାନ୍ତ ମହାପାତ୍ର, ଇଲିଆନା ସିତାରିସ୍ତି ପ୍ରମୁଖ ନୃତ୍ୟ ଶିକ୍ଷା ଦେବେ। ପ୍ରତି ସପ୍ତାହରେ ପିଲାଙ୍କୁ ୫ ଘଣ୍ଟା ଲେଖାଏ ଶିକ୍ଷା ଦିଆଯିବ ବୋଲି ଆଇଆଇଟି ନିର୍ଦ୍ଦେଶକ ଆର.ଭି. ରାଜକୁମାର କହିଛନ୍ତି।

### ସମାବର୍ତ୍ତନ ଉତ୍ସବରେ ଯୋଗ ଦେବେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ

ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ରାଜକୁମାର କହିଲେ ଯେ, କେବଳ ଓଡ଼ିଶୀ ନୃତ୍ୟ ନୁହେଁ, ବି.ଟେକ୍ ଛାତ୍ରଛାତ୍ରୀ ମ୍ୟାନେଜ୍‌ମେଣ୍ଟ, ଉଦ୍ୟୋଗ, ଏନ୍‌ସିସି, ଖେଳ କୁଦ ଆଦି ବିଷୟରେ ଶିକ୍ଷା ଗ୍ରହଣ କରିବା ଲାଗି ବ୍ୟବସ୍ଥା ହୋଇଛି। ଉକ୍ତ ବିଷୟଗୁଡ଼ିକୁ ଛାତ୍ରଛାତ୍ରୀ ଇଲେକ୍ଟିଭ୍ ବିଷୟଭାବେ ରଖି ଶିକ୍ଷାଗ୍ରହଣ କରିବେ। ପାଠପଢ଼ା ଶେଷରେ ସେମାନଙ୍କୁ ଡିପ୍ଲୋମା ସାର୍ଟିଫିକେଟ୍ ପ୍ରଦାନ କରାଯିବ। ପାଠ୍ୟକ୍ରମ ବ୍ୟତୀତ ଅନ୍ୟାନ୍ୟ ବିଷୟରେ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ଲାଗି ଏଭଳି ପଦକ୍ଷେପ ନିଆଯାଇଛି ବୋଲି ନିର୍ଦ୍ଦେଶକ କହିଛନ୍ତି।



ଆଇଆଇଟି ସହାୟତାରେ ପୁରୀ ଜିଲ୍ଲା ସିପସରୁବାଲିଠାରେ ସାମୁଦ୍ରିକ ପର୍ଯ୍ୟବେକ୍ଷଣାଗାର ପ୍ରତିଷ୍ଠା କରାଯିବ। ଏଥିପାଇଁ କେନ୍ଦ୍ର ସରକାରଙ୍କ ଭୂବିଜ୍ଞାନ ମନ୍ତ୍ରଣାଳୟ ପକ୍ଷରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ୯.୨୩ କୋଟି ଟଙ୍କା ବରାଦ କରାଯାଇଛି। ପରବର୍ତ୍ତୀ ସମୟରେ ଆହୁରି ଅର୍ଥ ଦିଆଯିବ। ରାଜ୍ୟ ସରକାର ଜମି ଯୋଗାଇଦେବା ପରେ କାର୍ଯ୍ୟ ଆରମ୍ଭ ହେବ। ଏହା ମାଧମରେ ସମୁଦ୍ର, ଭୂସ୍ଥଳ ଏବଂ ବାୟୁ ପ୍ରଭୃତି ଉପରେ ଗବେଷଣା ହୋଇପାରିବ। ଜଳବାୟୁ ପରିବର୍ତ୍ତନର ପ୍ରଭାବ ଓଡ଼ିଶା ଉପରେ କିଭଳି ପଡ଼ିବ ତାହାର ପୂର୍ବାନୁମାନ କରିହେବ।

ଏହାବ୍ୟତୀତ ଆଇଆଇଟି ଅଧୀନରେ ରାଜ୍ୟର ୪ଟି ଶିକ୍ଷାନୁଷ୍ଠାନରେ ଡିଜାଇନିଂ ଇନୋଭେସନ ସେଣ୍ଟର ଖୋଲାଯିବ। ଆଇଆଇଟି ଏହାକୁ ପରିଚାଳନା କରିବ। ଏଥିରେ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଶିକ୍ଷା ଦିଆଯିବ। ସେହିପରି ଯୁକ୍ତ୨ ଅଧ୍ୟାପକମାନଙ୍କୁ ବିଜ୍ଞାନ ସମ୍ପର୍କିତ ତାଲିମ ଦେବା ଲାଗି ବ୍ୟବସ୍ଥା କରାଯାଉଛି। ଆଇଆଇଟିର ବିଶେଷଜ୍ଞମାନେ କଲେଜ ଅଧ୍ୟାପକଙ୍କୁ ତାଲିମ ଦେବା ଯୋଜନା ପ୍ରସ୍ତୁତ ହୋଇଥିବା ଆଇଆଇଟି ନିର୍ଦ୍ଦେଶକ ଶ୍ରୀ ରାଜକୁମାର କହିଛନ୍ତି।

## ୧୨ ଜଣ ପାଇବେ ଡକ୍ଟରେଟ୍ ଡିଗ୍ରି

ଶନିବାର ପୂର୍ବାହ୍ନ ୧୧ଟାରେ ଜଟଣୀସ୍ଥିତ ଆଇଆଇଟିର ନୂତନ କ୍ୟାମ୍ପସରେ ଏହାର ୪ର୍ଥ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ ମୁଖ୍ୟଅତିଥିଭାବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିବେ। ଉତ୍ସବ ଅବସରରେ ୧୨ ଜଣଙ୍କୁ ଡକ୍ଟରେଟ୍ ଡିଗ୍ରି ପ୍ରଦାନ କରାଯିବ। ଏଥିସହ ୪୪ ଜଣ ଛାତ୍ରଛାତ୍ରୀଙ୍କୁ ଏମ୍.ଟେକ୍, ୫୦ ଜଣଙ୍କୁ ଏମ୍.ଏସ୍‌ସି ଏବଂ ୧୦୯ ଜଣ ବି.ଟେକ୍ ଛାତ୍ରଛାତ୍ରୀଙ୍କୁ ଡିଗ୍ରି ସାର୍ଟିଫିକେଟ୍ ଦିଆଯିବ। ମେକାନିକାଲ ସାଇନ୍ସ ବିଭାଗ ଛାତ୍ର ସୁଶାନ୍ତ ସଚନଙ୍କୁ ରାଷ୍ଟ୍ରପତି ପଦକ ପ୍ରଦାନ କରାଯିବ। ସେହିପରି ଏମ୍.ଟେକ୍ ଲାଗି ସ୍କୁଲ ଅଫ୍ ଇନ୍‌ଫ୍ରାଷ୍ଟ୍ରକଚର ଛାତ୍ର ପ୍ରତୀକ ନାୟକ, ଏମ୍.ଏସ୍‌ସି ପାଇଁ ଅନୁଦୀପ ନାଇନ୍‌ଙ୍କୁ ନିର୍ଦ୍ଦେଶକ ସ୍ୱର୍ଣ୍ଣ ପଦକ ଦିଆଯିବ ବୋଲି ଆଇଆଇଟି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ୨୦୧୬ ସୁଦ୍ଧା ସମ୍ପୂର୍ଣ୍ଣ କ୍ୟାମ୍ପସ୍ ସ୍ଥାନାନ୍ତର

ବର୍ତ୍ତମାନ ଆଇଆଇଟିର ଅଧା କ୍ୟାମ୍ପସ ସ୍ଥାନାନ୍ତର ହୋଇଛି। ୧୦୩୮ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଛନ୍ତି। ପଢ଼ାଇବା ଲାଗି ୧୦୦ ଜଣ ସ୍ଥାୟୀ ଅଧ୍ୟାପକ ରହିଥିବା ବେଳେ ଅତିଥି ଅଧ୍ୟାପକମାନଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି। ଏବେ ଏଠାରେ ୭ଟି ସ୍କୁଲରେ ପିଲାମାନଙ୍କୁ ଶିକ୍ଷା ଦିଆଯାଉଛି। ନୂତନ କ୍ୟାମ୍ପସରେ ୪ର୍ଥ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଥିଲେ ମଧ୍ୟ ତାହାର କାର୍ଯ୍ୟ ଏପର୍ଯ୍ୟନ୍ତ ଶେଷ ହୋଇନାହିଁ। ୮୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ, ୨୦୦ ଶଯ୍ୟାର ଛାତ୍ରୀନିବାସ, ଗେଷ୍ଟ ହାଉସ, ୪୦ ଷ୍ଟାଫ୍ କ୍ୱାର୍ଟର୍ସ କାର୍ଯ୍ୟ ଶେଷ ହୋଇଛି। ପ୍ରଶାସନିକ କୋଠାଗୁଡ଼ିକ କାର୍ଯ୍ୟ ଜାରି ରହିଛି। ସମ୍ପୂର୍ଣ୍ଣ ହେବାକୁ ଆହୁରି ୪ ମାସ ସମୟ ଲାଗିଛି। ୨୦୧୬ ସୁଦ୍ଧା ଶିକ୍ଷାନୁଷ୍ଠାନ ସମ୍ପୂର୍ଣ୍ଣଭାବେ ନୂତନ କ୍ୟାମ୍ପସକୁ ସ୍ଥାନାନ୍ତର ହୋଇଯିବ ବୋଲି ନିର୍ଦ୍ଦେଶକ ଶ୍ରୀ ରାଜକୁମାର କହିଛନ୍ତି।